# ହନୁମାନଙ୍କ ରୁପା ମୁକୁଟ ଚୋରି



କୋଷାଗୁମୁଡା,୧୨।୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ସ୍ଥିତ ହନୁମାନ ମନ୍ଦିରରୁ ରୁପା ମୁକୁଟ ଚୋରି ହୋଇଛି । ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ୮ ଫୁଟର ବାଉଁଶ ମୁନରେ ଲୁହା ତାର ଗୁଡ଼ାଇ ମନ୍ଦିରର ଚାରିପଟେ ଲାଗିଥିବା ପ୍ଲାଷ୍ଟିକ ଗ୍ଲାସକୁ ଭାଙ୍ଗି ବଡ଼ ହନୁମାନ ବିଗ୍ରହ ମୂର୍ତ୍ତିଙ୍କ ତଳେ ଥିବା ଏକ ହନୁମାନଙ୍କ ମୂର୍ତ୍ତିର ରୁପା ମୁକୁଟ ଚୋରି କରି ନେଇଯାଇଛି । ସିମେଣ୍ଟ ଓ ରଡ଼ ଦୋକାନର ମନ୍ଦିର ପଟକୁ ଥିବା ସିସି କେମେରାର ତାର ସଂଯୋଗକୁ ଅଲଗା କରିଥିବା ଦେଖିବାକୁ ମିଳିଛି । ରୁପା ମୁକୁଟ ପ୍ରାୟ ୧୫୦ଗ୍ରାମର ଥିଲା ବୋଲି ମନ୍ଦିର ପୂଜାରୀ ସଞ୍ଜୟ କୁମାର ମିଶ୍ର କହିଛନ୍ତି । ଆଜି ସକାଳେ ପ୍ରତ୍ୟେକ ଦିନ ଭଳି ବଡି ଭୋର ରୁ ମନ୍ଦିର ଖୋଲିବାକୁ ପୂଜାରୀ ଆସିଥିଲେ । ମନ୍ଦିର ଫାଟକ ନିକଟରେ ଏକ ୫ଫୁଟର ବାଉଁଶ ପଡିଥିବାର ଦେଖି ତୁରନ୍ତ ମନ୍ଦିର ଫାଟକରୁ ତାଲା ଖୋଲି ଭିତରେ ଯାଇ ଦେଖିଲା ବେଳକୁ ହନୁମାନଙ୍କ ରୁପା ନଥିଲା । ପୁଲିସ ହାରଅନୁସଂଧାନ କରୁଛି ।

# କୋଷାଗୁମୁଡ଼ାରେ ମିଳିତ ଜନଶୁଣାଣି



କୋଷାଗୁମୁଡା,୧୨।୧(ସମିସ): ସୋମବାର ଦିନ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ୍ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମ୍ମାନିତ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦୀପ ସମ୍ପତ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ସହ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନଶୁଣାଣି କରିଥିଲେ । ତୁରନ୍ତ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜିଲ୍ଲାପାଳ ଦେଇଥିଲେ । ୩୦ ଗୋଟି ଶୁଣାଣି ମଧ୍ୟରୁ ବ୍ୟକ୍ତିଗତ ୧୯ ଏବଂ ଦଳଗତ ୧୧ ଗୋଟିର ଅଭିଯୋଗ ଶୁଣାଣି କରାଯାଇଥିଲା । ଜନ ଶୁଣାଣୀ କାର୍ଯ୍ୟକ୍ରମ ସାରି ଉକିଆପାଲି ପଞ୍ଚାୟତର ବରଗାଁ ବିଦ୍ୟାଳୟରେ ଇଂଲିଶ ଓ ଗଣିତ ବିଷୟରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଥିଲେ ଓ ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀଙ୍କ ସହ ମେଘା ଜଳ ପ୍ରକଳ୍ପକୁ ବୁଲି ଦେଖିଥିଲେ ଜିଲ୍ଲାପାଳ । ଏହି ପରିପ୍ରେକ୍ଷୀରେ ଭାରପ୍ରାପ୍ତ ସିଡ଼ିଏମ ମଳୟ ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଆଶିଷ କୁମାର ମୁନୀ ବିପିଏମ ସୁଦୀପ୍ତ ରଞ୍ଜନ ରାଉତ,ଅବକାରୀ ନବରଙ୍ଗପୁର ଇନ୍ସପେକ୍ଟର ଦିଲ୍ଲୀପ ରଥ, କୋଷାଗୁମୁଡ଼ା ବ୍ଲକ୍ ଅଧ୍ୟକ୍ଷ ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ତହସିଲଦାର ସୁବ୍ରତ ବେହେରା ,କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, କୃଷି ଅଧିକାରୀ ଦୁର୍ଯ୍ୟୋଧନ ଯାନୀ, ପ୍ରାଣୀ ଅଧିକାରୀ, ଯୋଗାଣ ଅଧିକାରୀ ମାନସ ରଞ୍ଜନ ଜେନା,ବିଇଓ ସମେନ୍ଦ୍ର ଭୌମିକ, ଆରଡିଏସ ଡିଓ ଧ୍ରୁବ ସେଠୀ, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ଭୋଇ ,ବରିଷ୍ଠ ରାଜସ୍ୱ ସହାୟକ ସୁରେନ୍ଦ୍ର ମୋହନ ଦାସ, ସ୍ୱରୂପା ନାୟକ, ପିଏ ବାଳକୃଷ୍ଣ ସାହୁ, ସିପି ଚିନ୍ମୟ ପଟନାୟକ, କୀର୍ତ୍ତିରଞ୍ଜନସାହୁ, ଆରଡବ୍ଲୁଏସଏସ ଏଇ ଅମରେଶ ନାୟକଙ୍କ ସହ ବିଦ୍ୟୁତ ବିଭାଗ ଯନ୍ତ୍ରୀ, ମୃତ୍ତିକା ସରଣକ୍ଷଣ ବିଭାଗ ଯନ୍ତ୍ରୀ ଦିନେଶ ସାହୁ, ଲିଫ୍ଟ ଇରିଗେସନ ବିଭାଗ ଯନ୍ତ୍ରୀ ମନୋଜ କୁମାର ସ୍ୱାଇଁ , ଗ୍ରାମ୍ୟ ଜଳ ଯୋଗାଣ, ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଭଳି ବ୍ଲକ୍‌ର ୨୯ ବିଭାଗ ଅଧିକାରୀ ଯୋଗ ଦେଇଥିଲେ ।

# କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଉମରକୋଟ, ୧୨।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ପେଣ୍ଡ୍ରାଣୀ ମନ୍ଦିର ନିକଟସ୍ଥ ଏକ ଜମିରେ ଥିବା ପରିତ୍ୟକ୍ତ କୂଅ ମଧ୍ୟରୁ ଅଶୋକ ପୂଜାରୀ ନାମକ ଜଣେ ଯୁବକଙ୍କ ମୃତଦେହ ମିଳିଛି । ସୂଚନା ଅନୁସାରେ ଅଶୋକ ପୂଜାରୀ ଜଣେ ଗାଇ ଜଗୁଆଳି ଥିଲେ । ସେ ସକାଳୁ ଶୌଚ ହେବା ପାଇଁ ଜମି ମଧ୍ୟରେ ଥିବା ପରିତ୍ୟକ୍ତ କୂଅ ନିକଟକୁ ଯାଇଥିବା ବେଳେ ଘନ କୁହୁଡି ଯୋଗୁଁ ଗୋଡ଼ ଖସି ଯାଇଥିବା ଅନୁମାନ କରାଯାଉଛି । ଉଦ୍ଧାର କରି ଶବକୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଅଶୋକ ପୂଜାରୀ ଜଣେ ଦିନ ମଜୁରିଆ ହୋଇଥିବାରୁ ସରକାରୀ ସାହାଯ୍ୟ ନିମନ୍ତେ ସାଧାରଣରେ ଦାବି ହୋଇଛି ।

# କଂଗ୍ରେସ ଛାଡିଲେ ପୂର୍ବତନ ଜିଲ୍ଲା ସଭାପତି ଶଙ୍କର ଜିଲାକାରା

ରାୟଗଡ଼ା,୧୨।୧(ସମିସ): ରାୟଗଡା ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଜିଲ୍ଲା ସଭାପତି ତଥା ଜିଲ୍ଲା କଂଗ୍ରେସର ଆଗ ଧାଡ଼ିର ସକ୍ରିୟ ନେତା ଶଙ୍କର ଜିଲାକାରା ଦଳ ଛାଡିଥିବା ନେଇ ଆଜି ଲିଖିତ ଭାବରେ ପ୍ରକାଶ କରିଛନ୍ତି । ସେ ନିଜର ଇସ୍ତଫା ପତ୍ର ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଜିଲ୍ଲା କଂଗ୍ରେସ ସଭାପତି ଆପଲାସ୍ୱାମୀ କାଡ୍ରାକାଙ୍କ ନିକଟକୁ ପଠାଇଛନ୍ତି । ଶଙ୍କର ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଏବଂ ବର୍ତ୍ତମାନ ଅନୁସୂଚିତ ଜନଜାତି ସେଲର ଅଧ୍ୟକ୍ଷ ରହିଛନ୍ତି । ଧାର୍ମିକ ପରିଚୟ ପାଇଁ ତାଙ୍କୁ ପଦୋନ୍ନତି ଦିଆଯାଉନାହିଁ ଓ ଦଳ ପାଇଁ ନିଷ୍ଠାର ସହିତ କାମ କଲେ ମଧ୍ୟ ପୁରସ୍କୃତ ହେଉନଥିବା ନିଜ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି । ମୋର ଦୃଢ଼ ପରିଶ୍ରମ ପାଇଁ ଜିଲ୍ଲାର ୩ ବିଧାୟକ ଓ ସାଂସଦ ବିଜୟ ଲାଭ କରିଥିଲେ । କିନ୍ତୁ ଏହାପରେ ମୋତେ ଅଣଦେଖା କରାଯାଉଛି ବୋଲି ଇସ୍ତଫା ପତ୍ରରେ ସୂଚନା ଦେଇଛନ୍ତି ଶଙ୍କର ଜିଲ୍ଲାକାରା । ତେବେ ଶଙ୍କର ଇସ୍ତଫା ଦେବା ପରେ ଜିଲ୍ଲା କଂଗ୍ରେସରେ ହଇଚଇ ସୃଷ୍ଟି ହୋଇଛି । ଶଙ୍କର ଯେଉଁ ଅଞ୍ଚଳର ବାସିନ୍ଦା, ତାହା ହେଉଛି କଂଗ୍ରେସ ଦଳର ଗଡ । ସେହି ଅଞ୍ଚଳର ଭୋଟରେ ହିଁ ସର୍ବଦା କଂଗ୍ରେସ ବିଜୟୀ ହୋଇ ଆସୁଛି । ଶ୍ରୀ ଜିଲାକାର ନଜ ଇସ୍ତଫା ପତ୍ରରେ ଅଭିଯୋଗ କରି ଲେଖିଛନ୍ତି ଯେ ମୋର ଏବଂ ମୋ ଭଳି ବହୁ ଆଦିବାସୀଙ୍କ କଂଗ୍ରେସ ଦଳ ପ୍ରତି ଅବଦାନ ସତ୍ତ୍ୱେ ନେତୃତ୍ୱ ପ୍ରସଙ୍ଗ ଆସିଲେ ସେମାନଙ୍କୁ ପଛେଇ ଦିଆଯାଉଛି ଏବଂ ସେମାନଙ୍କୁ ନିର୍ବାଚନି ସ୍ୱାର୍ଥ ପାଇଁ ବ୍ୟବହାର କରାଯାଉଛି ବୋଲି କହିଛନ୍ତି । ନିକଟରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ବହୁଜନ ସମାଜବାଦୀ ପାର୍ଟିରେ ଯୋଗ ଦେଇଥିବା ବେଳେ ଏକା ଅଞ୍ଚଳରୁ ହୋଇଥିବାରୁ ଶଙ୍କର ଜିଲାକାରା ମଧ୍ୟ ବିଏସପିରେ ଯୋଗଦେବା ନେଇ ଚର୍ଚ୍ଚା ଜୋର ଧରିଛି । ଏନେଇ ଶ୍ରୀ ଜିଲାକାରା ସ୍ପଷ୍ଟ ଭାବେ କୌଣସି ବକ୍ତବ୍ୟ ଦେଇନଥିବା ବେଳେ ଯେଉଁଠି ତାଙ୍କୁ ଏବଂ ଆଦିବାସୀ ଭାଇଙ୍କୁ ସମ୍ମାନ ମିଳିବ ସେହି ସ୍ଥାନକୁ ଯିବୁ ବୋଲି କହିଛନ୍ତି ।






ଜେସିବି ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ଓ ଲୁଟ୍ ଘଟଣା

# ନାବାଳକ ସହ ଦୁଇ ଧରାପଡ଼ିଲେ



ନନ୍ଦପୁର, ୧୨।୧ (ସମିସ): ନନ୍ଦପୁର ପୁଲିସ୍‌କୁ ମିଳିଛି ବଡ଼ ସଫଳତା । ସର୍ବତୀ ଘାଟିରେ ଜେସିବି ଚାଳକଙ୍କୁ ମରଣାନ୍ତକ ଆକ୍ରମଣ ପରେ ଲୁଟ୍ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ନନ୍ଦପୁର ପୁଲିସ୍ । ଏହି ମାମଲାରେ ଅନ୍ୟ ଜଣେ ସହଯୋଗୀ ଫେରାର ରହିଥିବା ବେଳେ ଗିରଫଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା ଜଣାପଡିଛି । ସୂଚନାଅନୁସାରେ ୨୮ ତାରିଖ ରାତି ସମୟରେ ରାଣୀ ଡୁଡୁମା ପର୍ଯ୍ୟଟନ କ୍ଷେତ୍ର ନିକଟସ୍ଥ ସରବତୀ ଘାଟି ରାସ୍ତାରେ ମୁଖା ପିନ୍ଧା ଡକାୟତ ଗୋଷ୍ଠୀ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ସମ୍ପୃକ୍ତ ତିନି ଆସାମୀହେଲେ ନନ୍ଦପୁର ଥାନା ଅଧୀନସ୍ଥ ପରଜା ମୁଠାଇ ପଞ୍ଚାୟତ ଅନ୍ତର୍ଗତ ମାଙ୍ଗଲିଗୁଡ଼ା ଗ୍ରାମର ସୁନିଲ ଖିଲ କୁ ଗିରଫ କରିଛି କରିବାରେ ସଫଳ ହୋଇଛି ନନ୍ଦପୁର ପୁଲିସ । ନନ୍ଦପୁର ଥାନା ଅଧିକାରୀ ମମତା କୁମାରୀ ପଣ୍ଡାଙ୍କ ନେତୃତ୍ୱରେ ଏସଆଇ ବେଦବର ସାହୁ, ସାଇବର ସେଲ କୋରାପୁଟର ସହାୟତାରେ ଏସଆଇ ଜୟ ପ୍ରଧାନ, ଏସଆଇ ପ୍ରତ୍ୟୁଷ ପଟେଲ ପ୍ରମୁଖଙ୍କ ମିଳିତରେ ତଦନ୍ତ କରି ସେମାନଙ୍କୁ ଧରିଥିଲେ । ସୋମବାର ନନ୍ଦପୁର ଥାନା ପରିସରରେ ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ପ୍ରେସ ମିଟ ମାଧ୍ୟମରେ ଗଣମାଧ୍ୟମକୁ ଏ ନେଇ ସୂଚନା ଦେଇଛନ୍ତି । ଗିରଫ ଆସାମୀ ମାନଙ୍କ ଠାରୁ ତିନିଗୋଟି ମୋବାଇଲ ଫୋନ୍ ସହ ଡ଼କାୟତିରେ ବ୍ୟବହାର କରାଯାଇଥିବା ଖଣ୍ଡା ଓ ନମ୍ବର ବିହୀନ ବାଇକ୍ ଜବତ କରାଯାଇଥିବା ସୂଚନା ଦେଇଛନ୍ତି । ଗିରଫ ଦୁହିଁଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ତୃତୀୟ ଆସାମୀକୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସେ କହିବା ସହ ନନ୍ଦପୁର ପୁଲିସ୍‌କୁ ପ୍ରଶଂସା କରିଛନ୍ତି ।

# ଦିବ୍ୟ ଭୂମି ପୂଜନ ମହୋତ୍ସବ

ରାୟଗଡ଼ା,୧୨।୧(ସମିସ): ରାୟଗଡ଼ା ସହରର ରୟତ କଲୋନୀ ପାର୍ଶ୍ୱସ୍ଥ ବାରିଝୋଲା ସ୍ଥିତ ଜେଏସକୋ ଖେଳ ପଡିଆ ଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଦିବସରେ ଡଃ.ସୁଦର୍ଶନଜୀଙ୍କ ତତ୍ତ୍ୱାବଧାନରେ ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ଦେବ ମହାଯଜ୍ଞ ନିମନ୍ତେ ଦିବ୍ୟ ଭୂମି ପୂଜନ ମହୋତ୍ସବ ଆଜି ଆୟୋଜିତ ହୋଇଯାଇଛି । ଏହି ମହାଯଜ୍ଞ କମିଟି ଆବାହକ ବାଳକୃଷ୍ଣ ପଣ୍ଡା ଏବଂ ସଂଯୋଜକ ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ) ଙ୍କ ନିବେଦନରେ ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ଉଦ୍‌ଘାଟକ ସ୍ୱାମୀ ଶ୍ରୀ ଚୈତନ୍ୟରାମଜୀ ମହାରାଜ,ରାୟଗଡ଼ା, ପୌରଧକ୍ଷା ଶୁଭ୍ରା ପଣ୍ଡା,ଆଦିବାସୀ କଲ୍ୟାଣ ମଞ୍ଚ ,ରାୟଗଡ଼ା ଆବାହକ ବିଦ୍ୟୁଲତା ହୁଇକା ପ୍ରମୁଖ ଯୋଗ ଦେଇଥିଲେ । ସକାଳ ସାଢେ ୯ଟା କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମରେ ରାୟଗଡ଼ା ସହର ସମେତ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ବହୁ ସଂଖ୍ୟାରେ ଏହି ଦିବ୍ୟ ଭୂମି ପୂଜନ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ଜାନୁଆରୀ ୩୧ ତାରିଖରୁ ଫେବୃଆରୀ ୨ ତାରିଖ ତିନି ଦିନ ଧରି ଏହି ମହାଯଜ୍ଞ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ବହୁ ନେତୃମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି ।

# ପାଣି ପଞ୍ଚାୟତ ପ୍ରକଳ୍ପ ପ୍ରଦର୍ଶନୀରେ ବିଷ୍ଣୁଙ୍କ ସଫଳତା



କୋଷାଗୁମୁଡ଼ା,୧୨।୧(ସମିସ): ୨୦୨୫-୨୬ ପାଇଁ ନବରଙ୍ଗପୁର ଜିଲ୍ଲାର ରଜ ଚୈତନ୍ୟ ଚୌରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଣି ପଞ୍ଚାୟତ ଆନୁକୂଲ୍ୟରେ ଚିତ୍ର, ବିତର୍କ, ପ୍ରକଳ୍ପ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା । ଏହି ପ୍ରକଳ୍ପ ପ୍ରଦର୍ଶନରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆର ବିଷ୍ଣୁ ମଣ୍ଡଳ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି । ଏହି ପ୍ରକଳ୍ପର ମାର୍ଗ ଦର୍ଶକ ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ସଠିକ୍ ମାର୍ଗ ଦର୍ଶନ ଫଳରେ ଆଜି ରାଜ୍ୟସ୍ତରୀୟ ପ୍ରକଳ୍ପ ପ୍ରଦର୍ଶନରେ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ପାଇଛି । ଏହା କୋଷଗୁମୁଡା ତଥା ମାଝୀଧନୁଆର ପାଇଁ ଗୌରବର ବିଷୟ । ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ ମାଲିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଜାନି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲା ଖେଳ ପ୍ରଶିକ୍ଷକ ପ୍ରଭାତ ପଟ୍ଟନାଙ୍କଙ୍କ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ଏହି ଖବର ପାଇବା ପରେ ମାଝୀଧନୁଆ ଗ୍ରାମ ପଞ୍ଚାୟତରେ ଖୁସିର ଲହରୀ ଖେଳିଯାଇଛି । ସରପଞ୍ଚ ଦୟରମ ପୂଜାରୀ, ସଭାପତି ଲକ୍ଷ୍ମୀ ହାଲବା, ମୋ ବିଦ୍ୟାଳୟ ସଭାପତି ଦିନେଶ ପନକା, ଆଞ୍ଚଳିକ ଶିକ୍ଷା ଗୋଷ୍ଠୀ ଅଧିକାରୀ ପାରଥ ସାରଥୀ ସାହୁ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

# ଟିକିରି ପ୍ରିମିୟର ଲିଗ୍ ସିଜନର୍-୩ ଉଦ୍‌ଘାଟିତ

ଟିକିରି,୧୨।୧(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଟିକିରି ୟୁଥ କ୍ରିକେଟ କ୍ଲବ ପକ୍ଷରୁ ଟିପିଏଲ ସିଜନ ୩ ଅନୁଷ୍ଠିତ ହୋଇଯାଇଛି । ମାଁ ଗଙ୍ଗାଦେବୀ ଠାକୁରାଣୀ ଓ ଅଗ୍ନି ଭୈରବ ମନ୍ଦିରରୁ ଏକ ମଶାଲ ଯାତ୍ରା ବାହାରି ରେଲୱେ କ୍ରିକେଟ ପଡିଆ ଠାରେ ପହଞ୍ଚି ଥିଲା । ମୁଖ୍ୟ ଅତିଥି ଆଦିତା ବିର୍ଲା ହିଣ୍ଡାଲକୋ ସିଇଓ ମଜହର ବେଗ ,ସିଏସଆର ମୁଖ୍ୟ ତନ୍ମୟ ମହାନ୍ତି ପହଞ୍ଚି ମ୍ୟାଚ୍‌କୁ ରିବନ କାଟି ଉଦ୍‌ଘାଟନ କରିଥିଲେ । ସଭାପତି ରହିମ କୁମାର, କୋଷାଧ୍ୟକ୍ଷ ଚରଣ ନାଏକ, ଉପ ସଭାପତି ଡମ୍ବୁରୁ ଦିସାରି ଉପସ୍ଥିତ ଥିଲେ । ଉଦଘାଟନୀ ମ୍ୟାଚରେ ଏମ କେ ମହାନନ୍ଦ ଲାୟନ ସହ ଜଗଦମ୍ବା ୧୧ ଟିମ ମଧ୍ୟରେ ଖେଳ ହୋଇଥିବା ବେଳେ ଏମ କେ ମହାନନ୍ଦ ଲାୟନ ୧୨ ଓଭରରେ ୪ ୱିକେଟ ହରାଇ ୧୧୯ ରନ୍ କରିଥଲେ । ଜଗଦମ୍ବା ୧୧ ଟିମ ୪ ଉଇକେଟ ପତନରେ ୯. ୫ ଓଭରରେ ୧୨୧ ରନ ମାରି ବିଜୟ ଲାଭ କରିଛନ୍ତି । ଏହି ମ୍ୟାଚଟି ଜାନୁଆରୀ ୧୨ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୨୯ ତାରିଖରେ ଶେଷ ହେବ ବୋଲି ସଭାପତି ରହିମ କୁମାର କହିଛନ୍ତି । ଏହି ମ୍ୟାଚରେ ଆଇପିଏଲ ଢାଞ୍ଚାରେ ୮ଟି ଟିମ ଦ୍ୱାରା ସମୁଦାୟ ୩୨ ମ୍ୟାଚ ଅନୁଷ୍ଠିତ ହେବ । ଅନ୍ୟ ଅତିଥି ମଧ୍ୟରେ ସରପଞ୍ଚ ଟିକିରି ଜଗବନ୍ଧୁ ମାଝୀ , ହରପ୍ରସାଦ ନାୟକ, କୈଳାଶ ନାୟକ ଓ ଅନ୍ୟ କ୍ରିକେଟ୍ ପ୍ରେମୀ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ମୃତକଙ୍କ ଶବ ରଖି ରାସ୍ତା ଅବରୋଧ



ଗୁଣପୁର, ୧୨।୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଠାରେ ଗତକାଲି ଏକ ଘରୋଇ ବସ ସହ ବାଇକ୍ ଧକ୍କା ହୋଇ ବାଇକ୍ ଆରୋହୀ ଗୁରୁତର ହୋଇ ଗୁଣୁପୁର ମେଡିକାଲରେ ଭର୍ତ୍ତି ହୋଇଥିଲେ । ଅବସ୍ଥା ସଂକଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର ହୋଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଆଜି ତାଙ୍କ ଶବକୁ ବଂଶଧାରା ବ୍ରିଜ୍ ନିକଟ ମୁଖ୍ୟ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରି କ୍ଷତି ପୁରଣ ଦାବି କରାଯାଇଥିଲା । ଘଟଣା ସ୍ଥଳରେ ଗୁଣୁପୁର ପୁଲିସ୍ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତିରେ ସୁଧାର ଆସିଥିଲା । ମୃତ ଯୁବକ ହେଲେ ପୁଟାସିଂ ଥାନା ଅନ୍ତର୍ଗତ ମାନେଙ୍ଗୁଲ ଗ୍ରାମର ଅନିଲ ଶବର(୩୫) ।

# ବିଭିନ୍ନ ସ୍ଥାନରେ ଅଟଳ ବସ୍ ଷ୍ଟାଣ୍ଡ ଲୋକାର୍ପିତ



ଲମତାପୁଟ,୧୨।୧(ସମିସ): ଆଜି କୋରାପୁଟ ଜିଲ୍ଲା ଲମତାପୁଟ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ନୂତନ ଅଟଳ ବସ୍‌ଷ୍ଟାଣ୍ଡ ଶୁଭ ଉଦଘାଟନ କରିଛନ୍ତି । ଏହି ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ନୂତନ ବସ୍ ଷ୍ଟାଣ୍ଡରେ ଅତ୍ୟାଧୁନିକ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଓ ଆଭାସି ମାଧ୍ୟମରେ ଦୁଇଜଣ ହିତାଧିକାରୀଙ୍କ ସହ କଥା ହୋଇ ବସ୍ ଷ୍ଟାଣ୍ଡର ଅତ୍ୟାଧୁନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ମୁଖ୍ୟମନ୍ତ୍ରୀ । ମହିଳା ହିତାଧିକାରୀ ସୁମିତ୍ରା ବେହେରା ବସ୍ ଷ୍ଟାଣ୍ଡରେ ସିସି ଟିଭି ଲାଗିଥିବାରୁ ସୁରକ୍ଷିତ ମନେ କରୁଛନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲମତାପୁଟ ପଞ୍ଚାୟତ ଅଧ୍ୟକ୍ଷ ତାପସ କୁମାର ଚାଲାଣ , ଜିଲ୍ଲା ପରିଷଦ ପୂର୍ଣ୍ଣଚନ୍ଦ୍ର ପାଙ୍ଗି,ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେର, ତହସିଲଦାର ଦିବାକର ବାଘ, ଆଞ୍ଚଳିକ ପରବହନ ଅଧିକାରୀ ରାଜେଶ ମାରାଣ୍ଡି, ଜିଲ୍ଲା ପରିବହନ ବିଭାଗର ପରିଚାଳକ ଅରଶ୍ରୀ



ସାହୁ, ସହାୟକ ପରିଚାଳକ ପ୍ରକାଶ କୁମାର ନାୟକ, ବ୍ଲକ ସୁପରଭାଇଜର ସୁଦୀପ କୁମାର ଦାସ, ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲିକଙ୍କ ସହିତ ସମସ୍ତ ପୁଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ରାଧା ରାଣୀ ସରକାର ମଞ୍ଚ ପରିଚାଳନା କରିଥିଲେ ।

କୋଷାଗୁମୁଡା : ଆଜି ଆଭାସୀ ଜରିଆରେ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡୀଙ୍ଗାଠାରେ ଅଟଳ ବସଷ୍ଟାଣ୍ଡର ଲୋକାର୍ପଣ ହୋଇଯାଇଛି । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି, ବୁଦ୍ଧିଜୀବୀ ଓ ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ଅଟଳ ବସଷ୍ଟାଣ୍ଡଟି ଉଦ୍‌ଘାଟନ ହୋଇଥିଲା । ଏହି ଅଟଳ ବସ ଷ୍ଟାଣ୍ଡ ଜିଲ୍ଲା ସଦର ମହକୁମାକୁ ସଂଯୋଗ କରିବା ସହିତ ଜିଲ୍ଲାର ୩୮ଟି ବସ୍ ରୁଟକୁ ସଂଯୋଗ କରିବ ବୋଲି ଉପସ୍ଥିତ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି । ଅଟଳ ବସ ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ୨୦୨୪ ମସିହାରେ ଆରମ୍ଭ ହୋଇଥିବା ବେଳେ ୨୦୨୫ ମସିହାର ଶେଷ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ହୋଇଥିଲା ।

# ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଚନ୍ଦ୍ରପୁର, ୧୨।୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ଥାନାରେ ନୂତନ ଭାବେ ଥାନା ଅଧିକାରୀ ଭାବେ ଲଳିତ ମୋହନ ସାଗର ଯୋଗଦାନ କରିଛନ୍ତି । ଚନ୍ଦ୍ରପୁର ପୁଲିସ କର୍ମଚାରୀ ନୂତନ ଭାବେ ଯୋଗଦାନ କରି ଥିବା ଥାନା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏହା ପୂର୍ବରୁ ସେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଥାନା କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ । ଚନ୍ଦ୍ରପୁର ଥାନାରେ ଯୋଗଦାନ ପରେ ଅଞ୍ଚଳର ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଦୃଷ୍ଟି ଦିଆ ଯିବ ବୋଲି କହିଛନ୍ତି । ସେହିପରି ପୂର୍ବତନ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କୁ ଚନ୍ଦ୍ରପୁର ଥାନାରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛି ।

# ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୨।୧(ସମିସ): ଜୟପୁର ସଦରଥାନାର ବାଲିଆ ଗ୍ରାମରେ ଦୁଇ ବର୍ଷ ପୂର୍ବେ ଏକ ଗଣ୍ଡଗୋଳ ମାମଲାର ଫେରାର ଅଭିଯୁକ୍ତକୁ ଆଜି ସଦର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ବାଲିଆ ଗ୍ରାମର ରାଜେନ୍ଦ୍ର ହରିଜନ(୨୫) ଓରଫ ରାଜେଶ । ଗତ ୨୦୨୪ ମସିହାର ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଫେରାର ଥିବା ବେଳେ ଆଜି ନିଜ ଗ୍ରାମକୁ ଆସିଥିବା ସୂଚନା ପାଇ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ।

# ଏଟିଏମରୁ ଟଙ୍କା ଚୋରି ଅଭିଯୋଗ

ଜୟପୁର,୧୨।୧(ସମିସ): ଜୟପୁର ସହର ରାଜନହର ଛକରେ ଥିବା ଏସବିଆଇ ଏଟିଏମ୍‌ରୁ ଟଙ୍କା ଚୋରି କରିନେଇଥିବା ନେଇ ଟାଉନଥାନାରେ ମାମଲା ରୁଜୁ ହୋଇଛି । ସୂଚନା ଅନୁଯାୟୀ ଗତ ୯ତାରିଖ ଦିନ ସନ୍ଧ୍ୟା ସାଢେ ୭ଟରେ ଅଭିଯୋଗକାରିଣୀ ବୀଣାପାଣି ମିଶ୍ର ଟଙ୍କା ଉଠାଇବାକୁ ଏଟିଏମକୁ ଯାଇଥିଲେ । ସେଠାରେ ଥିବା ଜଣେ ବ୍ୟକ୍ତି କୌଶଳ କ୍ରମେ ତାଙ୍କ ଏଟିଏମ କାର୍ଡକୁ ଅଦଳବଦଳ କରିଦେଇଥିଲେ । ଘରକୁ ଯାଇ ଏଟିଏମ୍‌ରୁ ୧୦ ହଜାର ଟଙ୍କା ଉଠାଣ ହୋଇଥିବା ନେଇ ମେସେଜ ଆସିବା ପରେ ଅଭିଯୋଗକାରିଣୀ ତାଙ୍କ ଏଟିଏମକୁ ଯାଞ୍ଚ କରିଥିଲେ । କିନ୍ତୁ ଏଟିଏମ୍ ବଦଳି ଯାଇଥିବା ଜାଣିବାକୁ ପାଇଲେ । ଏଥିନେଇ ଟାଉନଥାନାରେ ଲିଖିତ ଅଭିଯୋଗକ୍ରମେ ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି ।

# ନଦୀରୁ ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ବୈପାରିଗଡ଼ା,୧୨।୧(ସମିସ): ବୈପାରିଗୁଡା ବ୍ଲକ୍ ରାମଗିରି ଫାଣ୍ଡି ଅନ୍ତର୍ଗତ ଆମ୍ବପାଣିଗୁଡା ଗ୍ରାମରେ ନଦୀରୁ ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ଆମ୍ବପାଣିଗୁଡା ଗ୍ରାମର ଡାଳିମ୍ବ କନ୍ତେରୀ(୬୦) । ଏତଲା ଅନୁଯାୟୀ, ଆମ୍ବପାଣିଗୁଡା ଗ୍ରାମରେ ଆଦୁ କନ୍ତେରୀଙ୍କ ଭଉଣୀ ଡାଳିମ୍ବ ଗତ ୯ ତାରିଖ ଦିନ ନିଖୋଜ ଥିଲେ । ଆଜି ସକାଳ ୭ଟା ବେଳେ ଝୋଡିକୁଣ୍ଡ ନଦୀରେ ଡାଳିମ୍ବଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା । ବାଇଁ ଆଦୁ କନ୍ତେରୀ ରାମଗିରି ଫାଣ୍ଡି ଏବଂ ବୈପାରିଗୁଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ।







## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଚିତ୍ରକୋଣ୍ଡା,୧୨ା୧(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍‌ର ଧୁଳିପୁଟ୍ ଗ୍ରାମପଞ୍ଚାୟତଠାରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରିତା କୁମାର, ତହସିଲଦାର ନଟବର ଗରାଡ଼ା ଓ ଏସ୍‌ଡିପିଓ ପ୍ରଦୋଷ ପ୍ରଧାନ ଓ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ମାନଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଆଜିର ଶୁଣାଣିରେ ୮୪ଟି ଅଭିଯୋଗ ଗୁଡ଼ିକର ଶୁଣାଣି ହୋଇଛି। ତନ୍ମଧ୍ୟରୁ ୩୪ଟି ବ୍ୟକ୍ତିଗତ ଓ ୫୦ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ତନ୍ମଧ୍ୟରୁ ୨୯ଜଣଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ପ୍ରଦାନ କରାଯାଇଥିଲା। ୨୭ ଜଣଙ୍କୁ ଶ୍ରମକାର୍ଡ ପ୍ରଦାନ କରାଯାଇଥିବା ବେଳେ ୧୮ ଜଣ ଶ୍ରମିକଙ୍କ କାର୍ଡ ନବୀକରଣ କରାଯାଇଛି। ଅଭିଯୋଗ ଶୁଣାଣି ପରେ ସମସ୍ତ ଅଧିକାରୀ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଯାଇ ମଧ୍ୟାହ୍ନଭୋଜନର ମାନ ପରଖିଥିଲେ।

## ଅବିଭକ୍ତ ପୁରୀ ଜିଲ୍ଲା ପରିବାର ମିଳନ



ଦାମନଯୋଡି,୧୨ା୧(ସମିସ): କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ଦାମନଯୋଡ଼ିରେ ବସବାସ କରୁଥିବା ଅବିଭକ୍ତ ପୁରୀ ଜିଲ୍ଲାବାସୀଙ୍କୁ ନେଇ ସେକ୍ଟର-୩ ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ପରିବାର ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଠାରେ ବାସ କରୁଥିବା ସର୍ବ ବୟୋଜ୍ୟେଷ୍ଠ ବ୍ୟକ୍ତି କୈଳାସ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଓ ନାଲକୋ ଖଣି ଅଞ୍ଚଳ ସାମଗ୍ରୀ ବିଭାଗର ମହାପ୍ରବନ୍ଧକ ସୁବାଷ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜଳେନ୍ଦ୍ର ତ୍ରିପାଠୀ ସ୍ୱାଗତ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ସ୍ୱାଗତ ପରେ ସମସ୍ତଙ୍କୁ ପରମ୍ପରା ଅନୁଯାୟୀ ଟଙ୍କ ତୋରାଣି ପ୍ରଦାନ କରାଯାଇଥିଲା। ପୁରୀ ସମେତ ଜିଲ୍ଲାରୁ ଅଲଗା ହୋଇଥିବା ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲାର ପ୍ରାୟ ୭୦ ପରିବାରର ଆବଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସମ୍ମିଳିତ ହୋଇଥିଲେ। କାର୍ଯ୍ୟକ୍ରମରେ ପରିଚୟ ଓ ଭାବର ଆଦାନ ପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଅବିଭକ୍ତ ପୁରୀ ଜିଲ୍ଲାବାସୀଙ୍କୁ ସଂଗଠିତ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। ନାଲକୋ କର୍ମଚାରୀ, ବ୍ୟବସାୟୀ ତଥା ଅନ୍ୟ ବେଉସା କରି ବାସ କରୁଥିବା ସମସ୍ତ ପରିବାର କାର୍ଯ୍ୟକ୍ରମରେ ସମ୍ମିଳିତ ହୋଇଥିଲେ। ପୁରୀ ଜିଲ୍ଲା ପରମ୍ପରା ଅନୁଯାୟୀ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ସମସ୍ତେ ସମ୍ମିଳିତ ଭାବେ ପ୍ରସାଦ ସେବନ କରିଥିଲେ। ପ୍ରସନ୍ନ କୁମାର ବେହେରା, ଅଜୟ କୁମାର ଜେନା, ସୁଶାନ୍ତ କୁମାର ବେହେରା, ବିଜୟ କୁମାର ଜେନା, ପ୍ରୀତି ରଞ୍ଜନ ସ୍ୱାଇଁ, ସନ୍ଦୀପ ମହାରଣା, କୃଷ୍ଣଚନ୍ଦ୍ର ସାହୁ, ସୁଦର୍ଶନ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବାସୁଦେବ ଗଜେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୁନିଗୁଡ଼ାରେ କଂଗ୍ରେସର ସମାବେଶ



ମୁନିଗୁଡ଼ା,୧୨ା୧(ସମିସ): ଆଜି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାର ଫରେଷ୍ଟ ଡାକ ବଙ୍ଗଳା ପରିସରରେ ବ୍ଲକ କଂଗ୍ରେସ କମିଟି ତରଫରୁ ଏକ ମିଶ୍ରଣ ପର୍ବ ବ୍ଲକ୍ ସଭାପତି ନୀଳାମ୍ବର ବିଭାରଙ୍କ ତତ୍ତ୍ୱାବଧାନ ଓ ବିଧାୟକ ପ୍ରତିନିଧି ମାନସ ବେହେରାଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି। ମିଶ୍ରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଷମକଟକ ନିର୍ବାଚନ ମଣ୍ଡଳୀ ବିଧାୟକ ନୀଳମାଧବ ହିକକା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଂସଦୀୟ କ୍ଷେତ୍ର କୋରାପୁଟ ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡ଼ାଲ, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ସେଲ ସଭାପତି ରମେଶ ପଲକିଆ, ମୁନିଗୁଡ଼ା ସରପଞ୍ଚ ସୁଶ୍ରୀ ସରସ୍ୱତୀ ଶବର, ସମିତି ସଭ୍ୟା ମମତା ପ୍ରାସ୍କା, ତେଲେଙ୍ଗାପଦର ସମିତି ସଭ୍ୟ ଅନଙ୍ଗ ନାଗ ପ୍ରମୁଖ ଉପସ୍ଥିତି ରହିଥିଲେ। ମୁନିଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅନେକ କଂଗ୍ରେସ ନେତା, କର୍ମୀ ଏହି ମିଶ୍ରଣ ପର୍ବରେ ଉପସ୍ଥିତ ରହି ନୂତନ ସଦସ୍ୟ ଓ ସଦସ୍ୟା ମାନଙ୍କୁ ସୁସ୍ୱାଗତ କରିବା ସହ କଂଗ୍ରେସରେ ସେମାନଙ୍କର ଓ ସେମାନଙ୍କ ଅଞ୍ଚଳର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ହିକକା ନୂତନ କର୍ମୀ ମାନଙ୍କୁ ସେମାନଙ୍କ ଘର ବାହୁଡ଼ା ହୋଇଛି ବୋଲି କହିବା ସହ ସମସ୍ତେ ମିଳିମିଶି କଂଗ୍ରେସ ସଂଗଠନ ଓ ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନନ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ସରସ୍ୱତୀ ଶବର ନବାଗତ ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ। ଆଜିର ମିଶ୍ରଣ ପର୍ବରେ ମୁନିଗୁଡ଼ା ଓ ଶରଧାପୁର ପଞ୍ଚାୟତରୁ ମୋଟ ୪୦ ଜଣ ଯୋଗଦାନ କରିଥିଲେ।

### ଆମ୍ବ, କାଜୁ ଚାରାରୋପଣରେ ଦୁର୍ନୀତି

# ନାଲି ଫିତା ତଳେ ଆମ୍ବୁସ୍‌ମ୍ୟାନ୍‌ଙ୍କ ତଦନ୍ତ

ବିଷମ କଟକ,୧୨ା୧ (ଇମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଗୋଡିଗୁଡା ଗ୍ରାମ ୱାଡି ପ୍ଲାଣ୍ଟେସନ୍‌ରେ ଆମ୍ବ ଓ କାଜୁ ଚାରାରୋପଣରେ ହୋଇଥିବା ଦୁର୍ନୀତିର ତଦନ୍ତ ନାଲି ଫିତା ତଳେ ଚାପି ହୋଇ ରହିଯାଇଛି। ଆମ୍ବୁସ୍‌ମ୍ୟାନ୍‌ଙ୍କ ତଦନ୍ତରେ ସହଯୋଗ କରୁନାହାନ୍ତି ଆଇଟିଡିଏ ଅଧିକାରୀ। ବଡ଼ ଗୋଡିଗୁଡା ଗ୍ରାମରେ ଗୁରପୁର ଆଇଟିଡିଏ ବିଭାଗ ତରଫରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଗୋଡିଗୁଡା ଗ୍ରାମ ୯ଜଣ ଚାଷୀଙ୍କୁ ନେଇ ୱାଡି ପ୍ଲାଣ୍ଟେସନ୍‌ରେ ଆମ୍ବ ଓ କାଜୁ ଚାଷ କରିବା ନିମନ୍ତେ ମନରେଗା ଯୋଜନାରେ ୯ଲକ୍ଷ ୨୭ ହଜାର ଟଙ୍କା ବ୍ୟୟ ଅଟକଳର ଫାଇଲ ନଂ(୨୪୨୯୦୦୧/ଡି.ପି./୧୦୫୭୨୦୩୬) ଫାଇଲ ଖୋଲାଯାଇଥିଲା। ଏହି ଚାରାରୋପଣରେ ବିଭାଗ ନକଲି ଚାଷୀଙ୍କ ନାଁରେ ଟଙ୍କା ଆତ୍ମସାତ କରିଥିବା ନେଇ 'ସକାଳ' ଖବରକାଗଜରେ ଖବର ପ୍ରସାରଣ ହୋଇଥିଲା। ପରେ ରାୟଗଡା ଜିଲ୍ଲାରେ ଆମ୍ବୁଜ୍ ମ୍ୟାନ୍ ଅକ୍ଷୟ କୁମାର ଦାଶ ଏହି ଦୁନୀତିର ତଦନ୍ତ ଭାର ନିଜ ହାତକୁ ନେଇଛନ୍ତି। ଆମ୍ବୁସମ୍ୟାନ୍ ଗୋଡିଗୁଡା ଗ୍ରାମକୁ ଯାଇ ବ୍ୟକ୍ତିଗତ ଭାବେ ତାଲିକାରେ ରହିଥିବା କିଛି ଚାଷୀଙ୍କୁ



ଭେଟି ଚାରାରୋପଣ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଥିବା ବେଳେ ଚାଷୀମାନେ ଅଳ୍ପ ସଂଖ୍ୟକ ଚାରା ପାଇଥିବା କହିବା ସହ ଚାରାରୋପଣ ବାବଦରେ ଟଙ୍କାଟିଏ ମଧ୍ୟ ପାଇନଥିବା ପ୍ରକାଶ କରିଥିଲେ। ଶ୍ରୀ ଦାଶ ଚାଷୀମାନଙ୍କ ବୟାନକୁ ରେକର୍ଡ କରିଥିବା ବେଳେ ତାଲିକାରେ ରହିଥିବା ୫ଜଣ ଚାଷୀଙ୍କ କୌଣସି ତଥ୍ୟ ପାଇନଥିଲେ। ଚାଷୀ ଏବଂ କାଙ୍କୁବାଡି ସରପଞ୍ଚ ଦୟା କୁଲସିକାଙ୍କ ଠାରୁ ସମସ୍ତ କଥା ଶୁଣିସାରିବା ପରେ ୧୫ଦିନ ମଧ୍ୟରେ ଚାରାରୋପଣ ସମ୍ବନ୍ଧୀୟ ସମସ୍ତ ନଥିପତ୍ର ଏବଂ ୯ଜଣ ଚାଷୀଙ୍କ ସଂପୂର୍ଣ୍ଣ ଠିକଣା ପ୍ରଦାନ କରିବା ନିମନ୍ତେ ଆଇଟିଡିଏ ଗୁଣପୁରକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଦେଶକୁ ବିଭାଗ ତରଫରୁ ବେଖାତର କରି ୩ ମାସ ବିତିଯାଇଥିଲେ ମଧ୍ୟ କୌଣସି ନଥିପତ୍ର ଏଯାବତ ହସ୍ତଗତ ହୋଇନଥିବା ସହ ଏ ସଂକ୍ରାନ୍ତରେ ଦୁଇ ଦୁଇ ଥର ବିଭାଗକୁ ନୋଟିସ୍ ମଧ୍ୟ ଦିଆଯାଇଛି। ହେଲେ ବିଭାଗର

### ୯ ଚାଷୀ ତାଲିକାରେ ୫ ନକଲି ଚାଷୀ

ନିଷ୍କ୍ରିୟତାରୁ ଚାରାରୋପଣ ଯୋଜନାରେ ଦୁର୍ନୀତିର ଗନ୍ଧ ବାରିହେଉଛି ବୋଲି ଆମ୍ବୁସ୍‌ମ୍ୟାନ୍ ଶ୍ରୀ ଦାଶ ପ୍ରକାଶ କରିଛନ୍ତି। ପୁନର୍ବାର ଏ ସଂକ୍ରାନ୍ତରେ ବିଭାଗକୁ ପତ୍ର ପ୍ରଦାନ କରାଯିବ। ଯଦି ବିଭାଗ କର୍ଣ୍ଣପାତ ନ କରନ୍ତି , ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ୨୦୨୨-୨୩ ଆର୍ଥିକ ବର୍ଷରେ ଗୋଡିଗୁଡା ଗ୍ରାମର ସରୋଜିନି ମିଣିଆକା, ବିଭିଷଣ ମାଣ୍ଡିକା, ରତନାଲୁ ମାଣ୍ଡିକା, ସନ୍ୟାସି କୁଲସିକା, ବିପିନ ମାଣ୍ଡିକା, ଗୋବିନ୍ଦ ମିଣିଆକା, ଘାସି ମିଣିଆକା, ହରିଦାଶ ମାଣ୍ଡିକା ଏବଂ ଲାଛା ମେଲକା ହିତାଧିକାରୀ ଦର୍ଶାଇ ଜଣକ ପିଛା ୪୦ଟି ଆମ୍ବ ଏବଂ ୮୦ଟି କାଜୁ ଗଛ ଚାରା ରୋପଣ କରାଯାଇଥିବା ବିଭାଗ ତଥ୍ୟ କହୁଛି। ହେଲେ ପ୍ରକୃତ ପକ୍ଷେ ଏହି ହିତାଧିକାରୀ ମାନଙ୍କ ମଧ୍ୟରୁ ସନ୍ୟାସୀ କୁଲସିକାଙ୍କୁ ୨୫ଟି ଆମ୍ବ ଏବଂ ୪୦କାଜୁ ଚାରା ସହ ଦୁଇ ବସ୍ତା ଖତ ପ୍ରଦାନ କରାଯାଇଛି। ସେହିପରି ବିଭିଷଣ ମାଣ୍ଡିକା ଏବଂ ରତ୍ନାଲୁ ମାଣ୍ଡିକାଙ୍କୁ ସମୁଦାୟ ୧୨୦ଟି କାଜୁ ଚାରା ସହିତ ୬ବସ୍ତା ଖତ ଏବଂ ୫ ବଣ୍ଡଲ ଜାଲି ପ୍ରଦାନ କରାଯାଇଛି। ଅନ୍ୟ ଏକ ହିତାଧିକାରୀ ସରୋଜି ମାଣ୍ଡିକାଙ୍କୁ ୫୦ଟି କାଜୁ ଚାରା ସହିତ ୩ବସ୍ତା ଖତ, ୫୦ଟି ଜାଲି ପ୍ରଦାନ କରାଯାଇଥିବା ହିତାଧିକାରୀ ମାନେ ସର୍ବ ସମ୍ମୁଖରେ ପ୍ରକାଶ କରିଛନ୍ତି। ଏହା ବ୍ୟତିତ ତାଲିକାର ବିପିନ ମାଣ୍ଡିକା, ଗୋବିନ୍ଦ ମିଣିଆକା, ଘାସି ମିଣିଆକା, ହରିଦାଶ ମାଣ୍ଡିକା, ଲାଛା ମେଲକା, ୫ଜଣ ୱାଡି ପ୍ଲାଣ୍ଟେସନ୍‌ର କୌଣସି ଚାରା ପାଇନାହାନ୍ତି କି ହିତାଧିକାରୀ ମଧ୍ୟ ନୁହନ୍ତି।

## ଗ୍ରାମ ଠାକୁରାଣୀ ମନ୍ଦିରର ରତ୍ନମୁଦ ଉତ୍ସବ

ମାଲକାନଗିରି, ୧୨ା୧(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ଗ୍ରାମ ଦେବତୀ ତଥା ଗ୍ରାମ ଠାକୁରାଣୀ ମନ୍ଦିର ଶିଖରରେ ରତ୍ନମୁଦ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୁରୋହିତ ଅଭିଷେକ ଶତପଥୀ ଓ ରମେଶ ଚନ୍ଦ୍ର ରଥଙ୍କ ପୌରହିତରେ ଗ୍ରାମର ମହିଳାମାନେ ମୁଣ୍ଡରେ ଜଳ କଳସ ଧରି ଏକ ଶୋଭାଯାତ୍ରାରେ ନିକଟସ୍ଥ ନଦୀରୁ ଜଳ ଆଣି ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ଏହାପରେ ପୂରୋହୀତ ଦ୍ୱୟଙ୍କ ବେଦମନ୍ତ୍ର, ଶ୍ଲୋକ ପଠନ, ବିବିଧ ପୂଜାର୍ଚ୍ଚନା , ଶଓଖଧ୍ୱନୀ ଓ ହୁଳହୁଳି ରେ ଗଗନ ପ୍ରକମ୍ପିତ ହୋଇଥିଲା। କର୍ତ୍ତା ସନ୍ତୋଷ କୁମାର ମହାନ୍ତି ଓ ଗ୍ରାମ ଦେବୀ ମନ୍ଦିରର ପୂଜକ ସାରଙ୍ଗଧର ରାଉତ ଓ ବୀର ପାତ୍ର ପ୍ରମୁଖ ଉକ୍ତ



ରତ୍ନମୁଦ ସ୍ଥାପନ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଅପରାହ୍ନ ୩ଟା ସମୟରେ ଦାତା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଶଶ୍ୟ ଓ ରତ୍ନଧାତୂ ମାନ ଦାନ କରିଥିଲେ। ଯାହାକୁ ନବ ନିର୍ମିତ ମନ୍ଦିରର ଶିଖରରେ ଥିବା ରତ୍ନମୁଦରେ ସ୍ଥାପନ କରାଯାଇଥିଲା। ପରେ ଗ୍ରାମବାସୀମାନେ ଆନନ୍ଦ ବଜାରରେ ମାଁ ଠାକୁରାଣୀଙ୍କ ଅନ୍ନପ୍ରସାଦ ପ୍ରାପ୍ତ କରିଥିଲେ। ଆଜିର ଏହି ପବିତ୍ର କାର୍ଯ୍ୟକ୍ରମକୁ ଗ୍ରାମ ନୀହାର କାନ୍ତ ଦାସ, ରମେଶ ଚନ୍ଦ୍ର ନେଲୁର୍, ଭଗବାନ ସାହୁ, ଜ୍ୟୋତି ରଞ୍ଜନ ବେହେରା, ଅକ୍ଷୟ କୁମାର ହୋତା, ସନ୍ତୋଷ ସ୍ୱାଇଁ, ଦେବେନ୍ଦ୍ର ରାଉତ, ଦିବାକର ସାହୁ, ଚିତ୍ତରଞ୍ଜନ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ସ୍ୱେଚ୍ଛାସେବୀ ଭାବେ ନିଜର ଦାୟିତ୍ୱ ତୁଲାଇଥିଲେ।

## ଆଶ୍ରମ ବିଦ୍ୟାଳୟରେ ବନ୍ଦେ ମାତରମ୍ ଗାନ



ଚନ୍ଦ୍ରପୁର,୧୨ା୧(ସମିସ): ଚନ୍ଦ୍ରପୁର ବ୍ଲକ ବୁଡୁବାଲି ଗ୍ରାମପଞ୍ଚାୟତ ଅଧୀନ ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଶିକ୍ଷକ ମିଳିତ ହୋଇ ୧୫୦ ବର୍ଷ ଉପଲକ୍ଷେ ବନ୍ଦେ ମାତରଂ ଜାତୀୟ ସଙ୍ଗୀତ ସାମୂହିକ ଗାନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ରାଜୁ ପାଲ ପରିଚାଳନା କରିଥିବା ବେଳେ ଏଥିରେ ସହଯୋଗ କରିଥିଲେ ଶିକ୍ଷକ ଜଗନ୍ନାଥ ବାଘ, ଶ୍ରୀପତି ହାଡ଼ରଙ୍ଗା, ମାଧବ ବେହେରା, ଏସଏମସି ସଭାପତି ବିଶ୍ୱନାଥ ପ୍ରଟିଙ୍ଗା, ମହିଳା ସ୍ୱାସ୍ଥ୍ୟ କର୍ମୀ ସଂଯୁକ୍ତା ଶବର ଓ ସିସିଏ ମାନେ।

## ଏସିଆନ୍ ଥାଲାସେମିଆ କନ୍‌କ୍ଲେଭରେ ସେମିଳିଗୁଡ଼ା ଦମ୍ପତ୍ତି

ସେମିଳିଗୁଡ଼ା,୧୨ା୧ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡାର ବରିଷ୍ଠ ସମାଜସେବୀ ଓ ଶିକ୍ଷାବିତ୍ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଓ ଲିଭ ଫର ଅଦର୍ସ ଓ ଓଡିଶା ରକ୍ତଦାତା ସଂଘର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର ହାଇଦ୍ରାବାଦରେ ଅନୁଷ୍ଠିତ ଦୁଇ ଦିନିଆ ଏସିଆନ ଥାଲାସେମିଆ କନକ୍ଲେଭ ୨୦୨୬ରେ ନିମନ୍ତ୍ରିତ ହୋଇ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀ ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ୨୨ଟି ରାଜ୍ୟ ଓ ୭ଟି ଦେଶରୁ ପ୍ରତିନିଧି ଯୋଗ ଦେଇ ଥାଲାସେମିଆ ଦେଶରୁ ସଂପୂର୍ଣ୍ଣ ନିର୍ମୁଳ କରିବା ଉପରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ।



ସେମାନଙ୍କ ମଧ୍ୟରେ ବହୁ ଡାକ୍ତର, ବିଶେଷଜ୍ଞ, ଅନୁଭୂତିସଂପନ୍ନ ବ୍ୟକ୍ତି ଯୋଗ ଦେଇଥିଲେ। ହାଇଦ୍ରାବାଦ ଥାଲାସେମିଆ ଆଣ୍ଡ ସିକିଲସେଲ୍ ସୋସାଇଟି ଏହି ସମ୍ମିଳନୀର ଆୟୋଜନ କରିଥିଲେ। ସୋସାଇଟିର ସଭାପତି ଡକ୍ଟର ଚନ୍ଦ୍ରକାନ୍ତ ଅଗ୍ରୱାଲ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ହାଇଦ୍ରାବାଦର ନଭୋଟେଲ୍ ହୋଟେଲ ଓ ଥାଲାସେମିଆ ଆଣ୍ଡ ସିକିଲସେଲ୍ ସୋସାଇଟୀଠାରେ ଏହି ସମ୍ମିଳନୀର ଆୟୋଜନ କରାଯାଇ ଥିଲା।ଅନେକ ଥାଲାସେମିଆ ସହ ଲଢେଇ କରୁଥିବା ଓ ସଚେତନତାର ବାର୍ତ୍ତାବହନ କରୁଥିବା ରୋଗୀ ମଧ୍ୟ ଯୋଗ ଦେଇଥିଲେ। ଏହି ସମ୍ମିଳନୀରୁ ପାଇଥିବା ଶିକ୍ଷା, ସୂଚନା ଓ ପ୍ରେରଣା ନିଶ୍ଚିତ ଭାବରେ କୋରାପୁଟ ଜିଲ୍ଲାରେ ଥାଲାସେମିଆ ନିୟନ୍ତ୍ରଣରେ ସହାୟକ ହେବ ବୋଲି ଡକ୍ଟର ମିଶ୍ର କହିଛନ୍ତି।

## ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି



ରାମନଗୁଡା/ରାୟଗଡା, ୧୨ା୧(ସମିସ): ରାୟଗଡ଼ା ଜିଲ୍ଲା ରାମନଗୁଡା ବ୍ଲକ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଖଣ୍ଡିୟ ବନ ଅଧିକାରୀ ସଚିନ ଆନ୍ନାସାହେବ ଓହୋଲ, ଉପ ଆରକ୍ଷୀ ଅଧିକାରୀ ଅମ୍ୟୁଲ କୁମାର ଧର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ମନୀଷା ଦାସ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ମମତାରାଣୀ ସାହୁ, ରାମନଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୯ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୭୪ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ସମସ୍ତ ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଲିମାପଦର ଗ୍ରାମର ଗୌରାଙ୍ଗ ପଣ୍ଡାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ରାମନଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ରାମନଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଧବେଇ ନାୟକ, ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ଶିବ ପ୍ରସାଦ ସାହୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଁ ଗୋବିନ୍ଦ ଚନ୍ଦ୍ର ନାୟକ
କଶବା, ସୋର, ବାଲେଶ୍ୱର
ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ
ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଚଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନା, ସୁନୁ, ବେବି

# ଫଟା ପାଇପ୍‌ରୁ ରାସ୍ତାରେ ପାଣି



**ସେମିଳିଗୁଡ଼ା,୧୨।୧ (ସମିସ):**

କୋରାପୁଟ ଜିଲ୍ଲା ସୁନାବେଡ଼ା ସ୍ଥିତ ଜନ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ ସେମିଳିଗୁଡା ସହରର ମାଇନ୍ ରୋଡ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ଲାଇନ୍‌ରେ ପାଇପ୍ ଫାଟିଯାଇଛି। ପାଣି ଲିକ୍ ହୋଇ ରାସ୍ତାରେ ଭାସୁଥିବା ଦେଖିବାକୁ ମିଳୁଛି। ସେମିଳିଗୁଡା ସହରରି କିଛି ଅଞ୍ଚଳରେ ଲୋକେ ପାଣି ପାଇଁ ହିନସ୍ତା ହେଉଥିବା ବେଳେ ଏପଟେ ପାଣି ନଷ୍ଟ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଏହାର ମରାମତି କଲେ ଅଞ୍ଚଳବାସୀ ଠିକ୍ ଭାବେ ପାନୀୟ ଜଳ ପାଇପାରିବେ ବୋଲି ଦାବି କରୁଛନ୍ତି। ଫଟା ପାଇପ୍ ଦ୍ୱାରା ପାଣି ନଷ୍ଟ ହେଉଛି। ପାଣି ଭାସି ଭାସି ରାସ୍ତା କଦର୍ଯ୍ୟ ହୋଇ ଯାଉଛି। ମାଇନ୍ ରୋଡରେ ପଶୁ ଚିକିତ୍ସା କେନ୍ଦ୍ର ନିକଟରେ ଫଟା ପାଇପ୍‌ରୁ ରବିବାର ଦିନରୁ ପାଣି ବାହାରି ଭାସୁଛି। ଯିବା ଆସିବା ପାଇଁ ଅସୁବିଧା ଦେଖା ଦେଇଛି। କେତେକ ଅଞ୍ଚଳରେ ରୋଡ ମଧ୍ୟ ନଷ୍ଟ ହୋଇଯାଇଛି। ବହୁ ଦିନରୁ ଫଟା ପାଇପ୍ ଦ୍ୱାରା ବିଭିନ୍ନ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ଅଧିକାରୀ ମାନେ ଦୃଷ୍ଟି ଦେଉ ନଥିବା ଅଭିଯୋଗ ଶୁଣିବାକୁ ମିଳିଛି। ତୁରନ୍ତ ଫଟା ପାଇପ୍‌କୁ ମରାମତି କରିବା ପାଇଁ ଦାବି ହେଉଛି।

# ୬୯ ବନବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ

**ଖଇରପୁଟ, ୧୨।୧ (ସମିସ):** ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ପଞ୍ଚାୟତର ଦାମାବେଡା ଗ୍ରାମ ଠାରେ ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କ ଅଧ୍ୟକ୍ଷତାରେ ଜଙ୍ଗଲ ନିଆଁ ଓ ବନ୍ୟ ଜନ୍ତୁ ସୁରକ୍ଷା ସଚେତତା ଓ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଅଯୋଜନ କରାଯାଇଥିଲା। ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ୬୯ ଟି ବନବାସୀ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଥିଲେ । ଉପସ୍ଥିତ ଗ୍ରାମବାସୀ ମାନଙ୍କୁ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା କରିବା ପାଇଁ ଉପଦେଶ ଦେଇଥିଲେ। ସେହିପରି ମୁଖ୍ୟ ବକ୍ତା ରୂପେ ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି ଯୋଗଦେଇ ଜଙ୍ଗଲ ଜମିପଟ୍ଟାର ମହତ୍ତ୍ୱ ଓ ସେହି ଜମିରୁ କିପରି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇପାରିବ ଓ ଗ୍ରାମର ବିକାଶ ହୋଇ ପାରିବ ବୁଝାଇ ଥିଲେ। ସମ୍ମାନୀତ ଅତିଥି ରୂପେ ଇସାକ ଖୋସଲା ବିଧାୟକ ପ୍ରତିନିଧି, ଆମ ଜଙ୍ଗଲ ଯୋଜନା ତଥା ସୃଷ୍ଟି ଅନୁଷ୍ଠାନର କର୍ମୀ ଯୋଗ ଦେଇଥିଲେ। ଅନ୍ଧାରୀ, ଦାବୁଗୁଡ଼ା ରୁକୁଣି ଆଟାଲ, ନୁଆଗୁଡା, ପାଖନାଗୁଡା ଆଦି ଗ୍ରାମର ୫୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ। ଦାମାବେଡ଼ା, ଗୋବିନ୍ଦପାଲି ସେକ୍ସନ ବନପାଳ, ମାଥିଲି ବନପାଳ, ସାଲିମି ବନପାଳ, ବନରକ୍ଷୀ, ପାରା କର୍ମଚାରୀ ପଟ୍ଟା ବଣ୍ଟନରେ ସହାୟତା ପ୍ରଦାନ କରିଥିଲେ।



# ଯୁବ ସମାଜର ଆଦର୍ଶ ସ୍ୱାମୀ ବିବେକାନନ୍ଦ




**ନନ୍ଦପୁର, ୧୨।୧ (ସମିସ):**

ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ବନ୍ଦେ ମାତରମ୍ ଏବଂ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ କବି ବିଚିତ୍ରାନନ୍ଦ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିବା ସହିତ ଯୁବ ସମାଜର ଆଦର୍ଶ ସ୍ୱାମୀ ବିବେକାନନ୍ଦ ବୋଲି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର କୁମାର ମହାପାତ୍ର ଅଧ୍ୟକ୍ଷତା କରି ରାଷ୍ଟ୍ରର ବିକାଶ କ୍ଷେତ୍ରରେ ବିବେକାନନ୍ଦଙ୍କ ଦାର୍ଶନିକ ତତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍ ଜୟା, ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ, ସନ୍ତୋଷ ହନ୍ତାଳ, ଭଗବାନ ଖରା ଓ ବାବୁଲା ଚାଙ୍ଗୁଡିଆ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ଦୋରା, ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲା ବେଳେ ଅଧ୍ୟାପକ ନରସିଂହ ଖୋସଲା ଧନ୍ୟବାଦ ପ୍ରଦାନ କରିଥିଲେ।

# ଭିବି ଜି ରାମ ଜି ଯୋଜନା ମନରେଗା ଠାରୁ ଭଲ: ବିଜେପି

ଉମରକୋଟ,୧୨।୧ (ସମିସ): କେନ୍ଦ୍ର ସରକାର ମନରେଗା ଯୋଜନାର ନାମ ପରିବର୍ତ୍ତନ କରି ଭିବି ଜି ରାମ ଜି ନାମକରଣ କରିବା ପରେ ବିରୋଧୀ ଏହାକୁ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚଳାଇଛି। ତେବେ ଏହି ନୂଆ ଯୋଜନାର ସୁଫଳ ଏବଂ ଏହା କିପରି ପୂର୍ବ ଯୋଜନାଠାରୁ ଭଲ ସେ ସମ୍ପର୍କରେ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଜିଲ୍ଲା ଭାଜପା ପକ୍ଷରୁ ଜିଲ୍ଲାସ୍ତରୀୟ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଏହି ଯୋଜନାର ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଉମରକୋଟ ବିଜେପି କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏମ୍‌ପି ବଳଭଦ୍ର ମାଝି, ରାଜ୍ୟ ବିଜେପି ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରୀ ଦାସ, ଏମ୍‌ପି ପ୍ରତିନିଧି ରାମ ନାୟକ, ଝରିଗାଁ ବ୍ଲକ ଏମ୍‌ପି ପ୍ରତିନିଧି ଚନ୍ଦ୍ରଭାନୁ ନାୟକ ପ୍ରମୁଖ ଉପସ୍ଥିତ ରହି ନୂତନ ଯୋଜନାଟି ମନରେଗା ଯୋଜନା ଅପେକ୍ଷା କିପରି ଭଲ ତାହା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳର ବିକାଶ ପାଇଁ ମହାତ୍ମା ଗାନ୍ଧୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ଦୃଷ୍ଟିରେ ରଖି ଯୋଜନା କରାଯାଇଛି। ମନରେଗା ଯୋଜନାରେ ଶ୍ରମିକଙ୍କୁ ଭୁଆଁ ବୁଲାଇ ହରିଲୁଟ କରାଯାଉଥିଲା ତାକୁ ରୋକିବାକୁ ଆଇନରେ ରହିଛି ଏବଂ ନୂତନ ଯୋଜନାରେ କେନ୍ଦ୍ର ଓ ରାଜ୍ୟର ସହଭାଗିତା ରହିବ । ଫଳ ସ୍ୱରୂପ ଅର୍ଥର ଅଭାବ ରହିବ ନାହିଁ ବୋଲି ଏମ୍‌ପି କହିଥିଲେ। ନୂତନ ଯୋଜନାରେ ଶ୍ରମିକଙ୍କୁ ୧୨୫ ଦିନର କାମ, ଅଧିକ ଓ ନିଶ୍ଚିତ ଆୟ ଦେବ। ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ହେଉ ଥିବାବେଳେ ଭିବି ଜି ରାମ ଜିରେ କୌଣସି ଦୁର୍ନୀତି ହେବନାହିଁ ଏମ୍‌ପି ବଳଭଦ୍ର ମାଝି କହିଥିଲେ। ମନରେଗା ଯୋଜନାରେ କାମ କେଉଁଠି ହେଉଥିଲା ଲୋକେ ଜାଣି ପାରୁନଥିଲେ । କିନ୍ତୁ ଏହି ଯୋଜନାରେ ଜୀଓ ଟ୍ୟାଗ୍ ହେବ, ଯେଉଁଥିରେ କି କେଉଁଠି କାମ ହେଉଛି ସମସ୍ତେ ଜାଣି ପାରିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସନ୍ତୋଷ ମହାପାତ୍ର, ମିଲୁ ପଣ୍ଡା, ବାବୁଲା ସାହୁ, ରାମହରି ସାହୁ, ସାନ ନାୟକ ପ୍ରମୁଖ କର୍ମୀ ଉପସ୍ଥିତ ଥିଲେ।

# ବନ୍ଦେ ମାତରମ୍ ଧ୍ୱନୀରେ କମ୍ପିଲା ମାଲକାନଗିରି ଜିଲ୍ଲା



ମାଲକାନଗିରି,୧୨।୧ (ସମିସ): ଜାତୀୟ ଯୁବ ଦିବସ ଅବସରରେ ବନ୍ଦେ ମାତରମ୍ ଧ୍ୱନୀରେ କମ୍ପିଲା ମାଲକାନଗିରି ଜିଲ୍ଲା। ଆଜି ଜିଲ୍ଲାରେ ସମସ୍ତ ବିଦ୍ୟାଳୟରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜାତୀୟ ଯୁବ ଦିବସ ଉପଲକ୍ଷେ ଜାନୁଆରୀ ୧୨ ତାରିଖରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାନ କରିବା ସହ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପାଠ କରିଥିଲେ। ଏହି ଆଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ଆତ୍ମନିର୍ଭର ଭାରତ ଆମ୍ବାସାଡର ଭାବରେ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମାଲକାନଗିରି ଜିଲ୍ଲା ଜୟପୁର ଜୋନରେ ଅନ୍ତର୍ଭୁକ୍ତ ଥିଲା, ଯେଉଁଠାରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲା ମଧ୍ୟ ସାମିଲ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଏବଂ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତଦାରଖ କରି ପ୍ରଧାନ ଶିକ୍ଷକ ଗଣଙ୍କୁ ପୂର୍ବ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ପିଏମଶ୍ରୀ ଉତ୍ସବରେ ଯୋଗଦେଲେ ବିଧାୟକ

ବୈପାରିଗୁଡ଼ା,୧୨।୧(ସମିସ): ପିଏମଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିରିବେଡାରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲାଲ୍ ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚାମେଲୀ ମଜୁମଦାର, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଗୁପ୍ତେଶ୍ୱର ପଞ୍ଚାୟତ ସରପଞ୍ଚ ପଦ୍ମା ଦୁରୁଆ, ସମିତି ସଭ୍ୟ ବିଭୀଷଣ ହନ୍ତାଳ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କାର୍ତ୍ତାମୀ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ରଥ, ନବରଙ୍ଗପୁର ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, କୋଟପାଡ଼ ବିଧାୟକ ପ୍ରତିନିଧି ସିଏଚ୍ ପ୍ରଭାକର ରାଓଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସହ ସଦସ୍ୟ ଓ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଟ୍ୟାଲେଣ୍ଟ ଗ୍ୟାଲେରୀ ତିଆରି କରାଯାଇଥିଲା। ଟ୍ୟାଲେଣ୍ଟ ଗ୍ୟାଲେରୀରେ ବିକଶିତ ଓଡ଼ିଶା ସହ ବିକଶିତ ଭାରତର ନକ୍ସା, ବହି ଷ୍ଟଲ୍, ମାଟି ଏବଂ ବାଉଁଶରେ ନିର୍ମିତ ବିଭିନ୍ନ ପ୍ରକାର ଉପକରଣ, ପୁରାତନ ଅଳଙ୍କାର, ମିଠା ଭଳି ଷ୍ଟଲ୍ ବା ଗ୍ୟାଲେରୀ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଧାନ ଶିକ୍ଷକ ଶ୍ରୀ ମିଶ୍ର ପିଏମଶ୍ରୀ ଉତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଉପସ୍ଥିତ ଅତିଥିଗଣ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ସହ ଉଚ୍ଚ ଭବିଷ୍ୟତର କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ସେମିଳିଗଡ଼ା,୧୨।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସୀତମ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ସର ଇଂରାଜୀ ମିଡିୟମ୍ ସ୍କୁଲ, ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାକୁ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ କୃଷ୍ଣ ସିଂହ ଉଦ୍‌ଘାଟନ କରିଛନ୍ତି। ଏହି କ୍ରୀଡ଼ା ଉତ୍ସବରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ରଖାଯାଇଛି । କାର୍ଯ୍ୟକ୍ରମରେ ସ୍କୁଲର କୋଷାଧ୍ୟକ୍ଷ ଅର୍ଜୁନ ଚରଣ ନାୟକ, ନିର୍ଦ୍ଦେଶକ ମହେଶ୍ୱର ପାଣିଗ୍ରାହୀ, ଅଧ୍ୟକ୍ଷ ନାରାୟଣ ପରିଡ଼ା, କ୍ଷୀରୋଦ ପାତ୍ର, ଏ.ଓ ଆର.ଡି.ସାମଲ, ସୀତମ ଡାଇରେକ୍ଟର ଡ. ଟି.ରାଜେସ ଦୋରା, ଡିପ୍ଲୋମା ପ୍ରିନ୍ସପାଲ ରଞ୍ଜିତ ଚହଟରାୟ, ମାଧୁରୀ ସେଠୀ, ଏସ୍. ଭାନୁ, ଜସ୍ମିନ ରାଉତ, ଜି. ଜି.ମନିକା, ସଙ୍ଗୀତା କୁମାରୀ, ସୁରୋଜ ନାୟକ, ସୁପ୍ରିୟା ଦାସ, ମନସ୍ୱିନୀ ନନ୍ଦ, କଳ୍ପତରୁ ଦାସ, ଅନୀତା ପ୍ରଧାନ ଓ ଉଭୟ ସୀତମ ଓ ଡିପିଏସଏସର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ। ଏହି ମନୋଜ୍ଞ କ୍ରୀଡ଼ା ଉତ୍ସବ କାର୍ଯ୍ୟକ୍ରମ କ୍ରୀଡା ଶିକ୍ଷକ ଲିଙ୍ଗରାଜ ଶର୍ମା ଓ ଓ ଆନନ୍ଦମୌଳି ପଟ୍ଟନାୟକଙ୍କ ସଂଯୋଜନାରେ ଚାଲିଛି। ପ୍ରକାଶ ଥାଏ କି ସ୍କୁଲର ୬ଷ୍ଠ ବାର୍ଷିକ ଉତ୍ସବ ଆଗାମୀ ଜାନୁୟାରୀ ୧୭ ତାରିଖ ଦିନ ହେବାକୁ ଯାଉଛି। ଏହି ସମାରୋହରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ କୋରାପୁଟ ସାଂସଦ ସପ୍ତଗିରୀ ଶଙ୍କର ଉଲାକା, କୋରାପୁଟ ବିଧାୟକ ରଘୁରାମ ମାଛ ଓ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଯୋଗଦେବେ।

# କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ବିଧାୟକ

କୁନ୍ଦୁରା,୧୨।୧(ସମିସ)୧୧।୧(ସମିସ): କୁନ୍ଦୁରା ବ୍ଲକ ଭୁଷାଙ୍ଗଗୁଡା କୋଲାବ ସେତୁ ନିକଟରେ କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀଙ୍କ ନେତୃତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଠାରେ କୁନ୍ଦୁରା ମଣ୍ଡଳ ଅଧୀନରେ ରହିଥିବା ୮ ପଞ୍ଚାୟତର କର୍ମୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। କୋଟପାଡ଼ ବିଧାୟକ ରୂପୁ ଭତ୍ରା ମଧ୍ୟ ଉପସ୍ଥିତ ରହିଥିଲେ। ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ନିର୍ବାଚନ ମଣ୍ଡଳୀ ସଂଯୋଜକ ବିନାୟକ ଆଚାର୍ଯ୍ୟ, ପୂର୍ବତନ ଜିଲ୍ଲା ସମ୍ପାଦକ ଉପେନ୍ଦ୍ର ଭଟ୍ଟ, ବରିଷ୍ଠ ନେତା ବିଜୟ ପଣ୍ଡା, ଟେମରାଜ ମାଝୀ, ହର ପ୍ରସାଦ ପାତ୍ର, ମୁନା ମହାନ୍ତି, ଚନ୍ଦ୍ରଧ୍ୱଜ ମାଙ୍ଗଲୀ ଏବଂ ତୁଷାର ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ଦିନର ବ୍ୟବଧାନ ପରେ ଆଗାମୀ ପଞ୍ଚାୟତ ସ୍ତରୀୟ ନିର୍ବାଚନରେ ଜନ ସମର୍ଥନ ଅଧିକା ଏବଂ ଦଳକୁ ଅଧିକ ମଜଭୂତ କରିବା ନେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ବିଧାୟକ ଏବଂ ପ୍ରତିନିଧି ମଣ୍ଡଳୀ। ବିକାଶ ମୂଳକ ଯୋଜନା କିଭଳି ଲୋକଙ୍କ ନିକଟତର ହୋଇପାରିବ ତାକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା କିଭଳି ହୋଇପାରିବ ସେ ବିଷୟରେ କର୍ମୀଙ୍କ ମତାମତ ମାଗିଥିଲେ ବିଧାୟକ। ନିଜ ନିଜ ଅଞ୍ଚଳରେ ରହିଥିବା ସମସ୍ୟା ଗୁଡିକୁ ବ୍ଲକ ସ୍ତର କିମ୍ବା ଜିଲ୍ଲା ସ୍ତରକୁ ନେଇ ସେଗୁଡିକର ସମାଧାନ କରିବା ସହ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ନିର୍ମାଣ କରିବାକୁ ସମସ୍ତେ ଶପଥ ନେବା ଉଚିତ ବୋଲି ସଂଯୋଜକ ବିନାୟକ ଆଚାର୍ଯ୍ୟ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପର୍ଶୁ ଘିଉରିଆ,ଲଛମନ ଭତ୍ରା, ତ୍ରିନାଥ ନାୟକ, ଦୟା ବାରିକ, ସୁନ୍ଦର ମାଳି ପ୍ରମୁଖ ଉପସ୍ଥିତ ଥିଲେ।



## ଶ୍ରେଣୀ ଗୃହ ନାହିଁ

# ଖୋଲା ଆକାଶ ତଳେ ପାଠପଢୁଛନ୍ତି ଛାତ୍ରଛାତ୍ରୀ

**ପୋଡ଼ାଗଡ଼,୧୨।୧(ସମିସ):**

ଗୁଣାତ୍ମକ ଶିକ୍ଷା କିପରି ପିଲାମାନେ ବା ଛାତ୍ରଛାତ୍ରୀ ପାଇବେ, ସେଦିଗରେ ସରକାର ବିଭିନ୍ନ ପନ୍ଥା ଅବଲମ୍ବନ କରୁଥିବା କହୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ । କିଛି ଦିନ ପୂର୍ବେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାରେ ଉନ୍ନତି ନିମନ୍ତେ ବିଭିନ୍ନ ବ୍ଲକରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଦଶମନ୍ତପୁର ବ୍ଲକରେ ମଧ୍ୟ ଜିଲ୍ଲାପାଳଙ୍କ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। କିନ୍ତୁ ଏମିତି ଏକ ବିଦ୍ୟାଳୟ ଅଛି, ଯେଉଁଠି ଖୋଲା ଆକାଶ ତଳେ ପଢୁଛନ୍ତି ପିଲା। ଶୀତ କାକର,ଖରା, ବର୍ଷାକୁ ଖାତିର ନକରି ଖୋଲା ଆକାଶ ତଳେ ପିଲାଙ୍କ ଭବିଷ୍ୟତ ଗଢୁଛନ୍ତି ଶିକ୍ଷୟିତ୍ରୀ। ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତ ଅଧିନସ୍ଥ କୋରାପୁଟ ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ କଡ ଖୋଲା ଆକାଶ ତଳେ କେ ନୁଆଗୁଡ଼ା ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଗୃହ ଅଭାବରୁ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ଯାଉଛି। ୩ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିୟୋଜିତ ରହିଥିବା ବେଳେ ୫୦ ଜଣ ପିଲା ଅଛନ୍ତି। ଦୁଇଟି ଶ୍ରେଣୀ ଗୃହ ଅଛି। ଗୋଟିଏ ଶ୍ରେଣୀ ଗୃହ ଶୋଚନୀୟ ଅବସ୍ଥାରେ ରହିଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଟଙ୍କ ଦିଶାରୀ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯାଉ ନାହିଁ। କୌଣସି ଅଘଟଣ ଘଟିବା ଭୟରେ ବାହାରେ ପିଲା ପଢୁଛନ୍ତି ବୋଲି ସେ କହିଛନ୍ତି। ସେପଟେ ପିଲା ବାହାରେ ବସି ପାଠ ପଢୁଥିବା ଦେଖି ଅଭିଭାବକ ମାନେ ଚିନ୍ତାରେ ଅଛନ୍ତି। ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଅନେକ ବୈଠକରେ ବିଦ୍ୟାଳୟର ସମସ୍ୟାକୁ ଉପସ୍ଥାପନା କଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବା ଗାଦିଆଗୁଡ଼ା ସିଆରସିସି ଫକୀର ମୋହନ ବାରିକ କହିଛନ୍ତି। ଛୋଟ ଛୋଟ ପିଲାଙ୍କୁ ଖୋଲା ଆକାଶ ତଳେ ପାଠ ପଢାଇବା କେତେଦୂର ଯଥାର୍ଥ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। କୋରାପୁଟ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯଥାଶୀଘ୍ର ମରାମତି କିମ୍ବା ନୂତନ ଗୃହ ନିର୍ମାଣ କରିବାକୁ ଦାବି ହେଉଛି। ଅନ୍ୟ ପକ୍ଷରେ ଦଶମନ୍ତପୁର ବ୍ଲକ ଉପାଧକ୍ଷ୍ୟ ଅରୁଣ ଚେଟୀ କହିଛନ୍ତି କି ବିଦ୍ୟାଳୟ କଥା ତ ଅଲଗା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଶମନ୍ତପୁରଙ୍କ କାର୍ଯ୍ୟାଳୟ ମଧ୍ୟ ଶୋଚନୀୟ ବା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ନୂତନ ବିଲ୍ଡିଂ ହେଉନି କି ପୁନରୁଦ୍ଧାର କରାଯାଉନାହିଁ।



# ଯଶୋଦା ପାଇଲେ ଯୁବ ସମ୍ମାନ ପୁରସ୍କାର



**ବୈପାରୀଗୁଡ଼ା,୧୨।୧(ସମିସ):**

ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଫେଣ୍ଡସ ୟୁନିଟ୍ ବ୍ଲକ ପକ୍ଷରୁ ଯୁବ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉକ୍ତ କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡ଼ିଓ ସୁବ୍ରତ କୁମାର ସାହୁ, ବିଧାୟକ ପ୍ରତିନିଧି ଉମେଶ ପଟ୍ଟନାୟକ, ଉପାଧକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଭ୍ୟା ମଣି ଯାନୀ, ସରପଞ୍ଚ ସୂର୍ଯ୍ୟ ମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ଶହୀଦ ଲକ୍ଷ୍ମଣ ନାୟକ ଡିଗ୍ରୀ କଲେଜ ଏନଏସଏସ ଅଧିକାରୀ ହିମାଂଶୁ ବକ୍ସି, କ୍ଲବ ସଭାପତି ଭୀମସେନ ହରିଜନ ପ୍ରମୁଖ ଉପସ୍ଥିତି ଥିଲେ। ଏହି ଅବସରରେ "ବନ୍ଦେ ମାତରମ୍ ଗାନ କରାଯାଇଥିଲା। ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ତଥା ଓଡିଶା ଆଦର୍ଶ ବିଦ୍ୟାଳୟ, ବୈପାରୀଗୁଡା ହାଇସ୍କୁଲ, ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ କଲେଜରେ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୨ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଡିଗ୍ରୀ କଲେଜ ଛାତ୍ରୀ ଜୋସଦା ମାଝୀଙ୍କୁ ଯୁବ ସମ୍ମାନ ପୁରସ୍କାର, ମାନପାତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଏମ ତେଜେଶ୍ୱ ରାଓ ମଞ୍ଚ ପରିଚାଳନା କରିଥିବା ବେଳେ ଧନପତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର କେ.ଉମାମହେଶ୍ୱର, ସୋନୁ ତେନ୍ତୁଳି ପଡିଆ, ନଟବର ପଟ୍ଟନାୟକ, ଜି ଶ୍ରୀନିବାସ ରାଓ, ଏନ ସନ୍ତୋଷ, ମଧୁସୂଦନ ରାଉତ, କିଶୋର ଗାଦବା, ଅମେରେନ୍ଦ୍ର ପରିଛା ପ୍ରମୁଖ କର୍ମକର୍ତା ସହଯୋଗ କରିଥିଲେ ।

